# Joint Press Release of the 7th Round of India-China Military Commander-Level Meeting

October 13, 2020

## ଭାରତ-ଚୀନ ସେନାର କମାଣ୍ଡର ସ୍ତରୀୟ ସପ୍ତମ ପର୍ଯ୍ୟାୟ ବୈଠକ ଉପରେ ମିଳିତ ପ୍ରେସ ବିଜ୍ଞପ୍ତି

**ଅକ୍ଟୋବର** 13, 2020

ଭାରତ ଓ ଚୀନ ସେନାର ବରିଷ୍ଠ କମାଣ୍ଡରଙ୍କ ମଧ୍ୟରେ ସପ୍ତମ ପର୍ଯ୍ୟାୟ ବୈଠକ 12 ଅକ୍ଟୋବରରେ ଲଦାଖର ଲେହ ଜିଲ୍ଲା ଅନ୍ତର୍ଗତ ଚୁସୁଲଠାରେ ଅନୁଷ୍ଠିତ ହୋଇଥିଲା ଭାରତ-ଚୀନ୍ ସୀମାବର୍ତ୍ତୀ ପଶ୍ଚିମ କ୍ଷେତ୍ରରେ ପ୍ରକୃତ ନିୟନ୍ତ୍ରଣ ସୀମା ରେଖା ବା ଲାଇନ ଅଫ ଆକଚୁଆଲ କଣ୍ଟ୍ରୋଲ ନିକଟରୁ ସୈନ୍ୟ ପ୍ରତ୍ୟାହାର କରିବା ପ୍ରସଙ୍ଗ ଉପରେ ଦୁଇ ପକ୍ଷ ଆନ୍ତରିକ, ଗଭୀର ଏବଂ ଗଠନମୂଳକ ମତ ବିନିମୟ କରିଥିଲେ।

ଏହି ଚର୍ଚ୍ଚା ସକରାତ୍ମକ ଓ ଗଠନମୂଳକ ହୋଇଛି ତଥା ପରସ୍ପର ସ୍ଥିତି ବିଷୟରେ ବୁଝାମଣା ବୃଦ୍ଧି କରିଛି ବୋଲି ସେମାନେ ମତ ଦେଇଥିଲେ। ସାମରିକ ଓ କୂଟନୈତିକ ସ୍ତରରେ କଥାବାର୍ତ୍ତା ଏବଂ ଯୋଗାଯୋଗ ଜାରି ରଖିବାକୁ ତଥା ଯଥାଶୀଘ୍ର ସୈନ୍ୟ ପ୍ରତ୍ୟାହାର ପାଇଁ ପାରସ୍ପରିକ ଗ୍ରହଣୀୟ ସମାଧାନ ଖୋଜି ବାହାର କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବୁଝାମଣାକୁ ଆନ୍ତରିକତାର ସହ କାର୍ଯ୍ୟକାରୀ କରିବା, ଆପୋଷ ମତଭେଦକୁ ବିବାଦରେ ପରିଣତ ନକରିବା ଏବଂ ସୀମା ଅଞ୍ଚଳରେ ମିଳିତ ଭାବେ ଶାନ୍ତି ଏବଂ ସ୍ଥିରତା ରକ୍ଷା କରିବା ପାଇଁ ଉଭୟ ପକ୍ଷ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**
**ଅକ୍ଟୋବର** 13, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.